# ସଫଳ କାହାଣୀର ନାୟକ ଥିଲେ ପ୍ରଫେସର୍ ରାଧାନାଥ ରଥ: ସୌମ୍ୟରଞ୍ଜନ

ଭୁବନେଶ୍ୱର, ୨୫।୧୨(ଇମିସ): ପ୍ରଫେସର୍ ରାଧାନାଥ ରଥ ଜଣେ ସଫଳ କାହାଣୀର ନାୟକ ଥିଲେ। ୭୫ବର୍ଷ ବୟସରେ ଉପନ୍ୟାସ ଲେଖିବା ଆରମ୍ଭ କରିଥିଲେ ହେଁ ମାତ୍ର ୧୫ ବର୍ଷରେ ସେ ୨୨ଟି ଉପନ୍ୟାସ ଲେଖି ପାରିଥିଲେ। ଯେଉଁ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ନାମ ସେତେ ଖ୍ୟାତ ନଥିଲା, ସ୍ୱର୍ଗତ ରଥ ବିଶ୍ୱବିଦ୍ୟାଳୟରେ

## କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଆଲୋଚନାଚକ୍ର




ଦର୍ଶନ ଓ ମନୋବିଜ୍ଞାନରେ ଏକ ନୂଆ ବିଭାଗ ସୃଷ୍ଟି କରିଥିଲେ। ଏଥିସହ ଏହାକୁ ମାନ୍ୟତା ପ୍ରଦାନ କରାଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତି ପ୍ରଫେସର୍ ରଥଙ୍କ ଅବଦାନ ଅବିସ୍ମରଣୀୟ। ଏଥିପାଇଁ ଓଡ଼ିଆ ଜାତି ଓ ଶିକ୍ଷା ସମାଜ ସବୁବେଳେ ସ୍ୱର୍ଗତ ରଥଙ୍କ ନିକଟରେ ଋଣୀ ରହିବ। କେନ୍ଦ୍ର ସାହିତ୍ୟ ଅକାଦେମି ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ରାଧାନାଥ ରଥଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଆଜି ଏହା କହିଛନ୍ତି।

ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପଟ୍ଟନାୟକ ଆହୁରି କହିଥିଲେ ଯେ ଜନ୍ମଦିନ ପାଳନ ହେଉଛି କୃତଜ୍ଞତା ଜ୍ଞାପନର ପରମ୍ପରା। ଏହି ମର୍ମରେ ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତ ରାଧାନାଥ ରଥଙ୍କ ଜନ୍ମ ଶତବାର୍ଷିକୀ ପାଳନ ମାଧ୍ୟମରେ ଏ ଓଡ଼ିଆ ଜାତି ତାଙ୍କ କୃତି ଓ ଅବଦାନ ପାଇଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଅବସର ପରେ ଜୀବନକୁ କିଭଳି ଅଧିକ ମୂଲ୍ୟବାନ୍ ଓ ଉପଭୋଗ୍ୟ କରିହେବ, ତାହା ସ୍ୱର୍ଗତ ରଥଙ୍କ ଜୀବନୀରୁ ଶିକ୍ଷାଲାଭ କରିବା ଉଚିତ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ଅକାଦେମିର ଓଡ଼ିଆ ଉପଦେଷ୍ଟାମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ଗବେଷକ ଅଜିତ କୁମାର ମହାନ୍ତି ଉପସ୍ଥିତ ରହି ସ୍ୱର୍ଗତ ରଥଙ୍କ ସାମଗ୍ରିକ ଜୀବନୀ ଓ ସାରସ୍ୱତ କୃତି ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟା ତଥା ସ୍ୱର୍ଗତ ରଥଙ୍କ ସୁକନ୍ୟା ସଙ୍ଗୀତା ରଥ ଉଦ୍‌ଘାଟନୀ ଅଧିବେଶନରେ ଅତିଥିମାନଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ଅକାଦେମିର କୋଲକାତା ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଓ ଯୁବ ସାହିତ୍ୟିକ କ୍ଷେତ୍ରବାସୀ ନାୟକ ଧନ୍ୟବାଦ ଦେଇଥିଲେ।

ଆୟକର କମିସନର୍ ମନୋରଂଜନ ପାଣିଗ୍ରାହୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ, ବିଶିଷ୍ଟ କଥାକାର ଗୌରହରି ଦାସ, ଅଧ୍ୟାପକ ବିଶ୍ୱରଂଜନ, ସାହିତ୍ୟିକ ଅସିତ ମହାନ୍ତି, ଶିଶୁ ସାହିତ୍ୟିକ ମାନସ ସାମଲ, କନକ ମଂଜରୀ ସାହୁ, ବିଦ୍ୟୁତ୍‌ପ୍ରଭା ଚଟ୍ଟାୟତଙ୍କ ସମେତ ବହୁ ବିଶିଷ୍ଟ ସାହିତ୍ୟିକ, ସାହିତ୍ୟପ୍ରେମୀ, ବୁଦ୍ଧିଜୀବୀ ମଞ୍ଚ ତଳେ ଉପସ୍ଥିତ ଥିଲେ।

ମଧ୍ୟାହ୍ନରେ ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ରଥଙ୍କ ସଭାପତିତ୍ୱରେ ପ୍ରବନ୍ଧ ପାଠର ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ଏଥିରେ ବିଦ୍ୟୁତ୍‌ପ୍ରଭା ସାହୁ ଓ ଡ. ଶିଶିର ବେହେରା ପ୍ରବନ୍ଧ ପାଠ କରିଥିଲେ। ବିଷ୍ଣୁପ୍ରିୟା ଓତା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ଡ. ସନ୍ତୋଷ କୁମାର ତ୍ରିପାଠୀ। ଡ. ସାୟନ୍ତନୀ ବେହୁରା ଓ ଡ. ସଂଘମିତ୍ରା ଭଞ୍ଜ ପ୍ରବନ୍ଧ ପାଠ କରିଥିଲେ। ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଷାର ପୁନଃନିର୍ମାଣ କବିତାର ସବୁଠୁ ବଡ଼ କାମ: ହୃଷୀକେଶ



ଅପରାହ୍ଣରେ ଆୟୋଜିତ 'କବିସନ୍ଧି' କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମିର ସଭାପତି ଡ. ହୃଷୀକେଶ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। କବିତାର ସଂଜ୍ଞା ନିରୂପଣ କରି ସେ କହିଥିଲେ ଯେ କେବଳ ସୌନ୍ଦର୍ଯ୍ୟରକ୍ଷା ନୁହେଁ, ଭାଷାର ପୁନଃନିର୍ମାଣ ହେଉଛି କବିତାର ସବୁଠୁ ବଡ଼ କାମ। ପ୍ରେରଣାବାଦ ହେଉଛି କବିର ଦାୟିତ୍ୱହୀନତା। ଏଥିରେ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ନାହିଁ। ପ୍ରେରଣା କବିତାର ଉତ୍ସ ହେଲେ ବି କବିକୁ ତା'ର ଅନୁଭବ ଦେଇ କବିତାକୁ ରୂପ ଦେବାକୁ ପଡ଼ିଥାଏ ବୋଲି ସେ କହିଥିଲେ। ଏହି ଅବସରରେ ଡ. ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସେ ନିଜ କବି ଜୀବନର ସଂଘର୍ଷମୟ ଅନୁଭୂତି ବର୍ଣ୍ଣନା କରିବା ସହ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଡ. ମଲ୍ଲିକଙ୍କର ପ୍ରସିଦ୍ଧ କାବ୍ୟଗ୍ରନ୍ଥ 'ବସୁଷେଣ'ର ହିନ୍ଦୀ ଅନୁବାଦ ଲୋକାର୍ପିତ ହୋଇଥିଲା। ବିଶ୍ୱଭାରତୀର ହିନ୍ଦୀ ପ୍ରଫେସର୍ ରବୀନ୍ଦ୍ରନାଥ ମିଶ୍ର ଏହାକୁ ଅନୁବାଦ କରିଛନ୍ତି। ଶେଷରେ ଉପସ୍ଥିତ ଅତିଥିମାନଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ।

## କେନ୍ଦ୍ର ସାହିତ୍ୟ ଏକାଡେମୀର ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର

# ରାଧାନାଥ ଥିଲେ ସଫଳ କାହାଣୀର ନାୟକ




ଭୁବନେଶ୍ୱର,୨୫।୧୨(ବ୍ୟୁରୋ): କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ପ୍ର. ରାଧାନାଥ ରଥ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଏବଂ କବିସନ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ର. ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ 'ସମ୍ବାଦ' ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ।

ଶ୍ରୀ ପଟ୍ଟନାୟକ କହିଥିଲେ, ରାଧାନାଥ ରଥ ସଫଳ କାହାଣୀର ନାୟକ। ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତି ତାଙ୍କ ଅବଦାନ ଅବିସ୍ମରଣୀୟ। ସେ ଦୀର୍ଘ ଜୀବନ ଉପଭୋଗ କରି ତାହାକୁ ମହତ୍ ଉଦ୍ଦେଶ୍ୟରେ ବିନିଯୋଗ କରିଥିଲେ। ଅବସର କଥା କେବେ ଚିନ୍ତା କରି ନଥିଲେ। ସାହିତ୍ୟ ଏକାଡେମୀର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭିକ ସୂଚନା ଦେଇଥିଲେ ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟା ପ୍ର. ସଙ୍ଗୀତା ରଥ। ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ ଜେଏନ୍‌ୟୁର ଅବସରପ୍ରାପ୍ତ ପ୍ର. ଅଜିତ କୁମାର ମହାନ୍ତି। ପ୍ର. ମହାନ୍ତି କହିଥିଲେ, ପରିଣତ ବୟସରେ ଉପନ୍ୟାସ ରଚନା ଆରମ୍ଭ କରିଥିବା ରାଧାନାଥ ରଥଙ୍କ ଚରିତ୍ରଗୁଡ଼ିକରେ ମନସ୍ତତ୍ତ୍ୱର ପ୍ରତିଫଳନ ଖୁବ୍ ସ୍ପଷ୍ଟ। ଧନ୍ୟବାଦ ଦେଇଥିଲେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କ୍ଷେତ୍ରବାସୀ ନାଏକ।

ଅନ୍ୟ ଦୁଇଟି ଅଧିବେଶନରେ ଶାନ୍ତନୁ କୁମାର ରଥ ଏବଂ ଡ. ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ବିଦ୍ୟୁତପ୍ରଭା ସାହୁ, ଶିଶିର ବେହେରା, ସାୟନ୍ତନୀ ବେହୁରା ଏବଂ ସଂଘମିତ୍ରା ଭଞ୍ଜ। ଧନ୍ୟବାଦ ଦେଇଥିଲେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟା ପ୍ର. ବିଷ୍ଣୁପ୍ରିୟା ଓତା ଏବଂ ଡ. ପ୍ରଦୀପ୍ତ କୁମାର ପଣ୍ଡା। ସନ୍ଧ୍ୟାରେ କବିସନ୍ଧି କାର୍ଯ୍ୟକ୍ରମରେ ସ୍ୱରଚିତ କବିତା ପାଠ ସହ ନିଜ ସୃଜନ ଯାତ୍ରା ସମ୍ପର୍କରେ ଅଭିବ୍ୟକ୍ତି ରଖିଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ। ସାରସ୍ୱତ ଯାତ୍ରାରେ ସମ୍ମୁଖୀନ ବାଧା ବିଘ୍ନ ଓ ସଂଘର୍ଷର କଥା କହିବା ପୂର୍ବକ ଉପସ୍ଥିତ ଲେଖକଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ ଶ୍ରୀ ମଲ୍ଲିକ। ଉଭୟ କାର୍ଯ୍ୟକ୍ରମରେ ଶତାଧିକ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ।

# ରାଧାନାଥ ରଥଙ୍କ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର




ଭୁବନେଶ୍ୱର,୨୫ ।୧୨(ଆ.ପ୍ର):କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଫେସର ରାଧାନାଥ ରଥ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ଏବଂ କବିସନ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ବିଧାୟକ ତଥା 'ସମ୍ବାଦ'ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦଘାଟକ ଭାବେ ଯୋଗଦେଇ କହିଥିଲେ ଯେ, ଓଡ଼ିଆ ଜାତି ପ୍ରଫେସର ରାଧାନାଥ ରଥଙ୍କୁ କୃତଜ୍ଞତା ଜଣାଇବା ପାଇଁ ଜନ୍ମ ଶତବାର୍ଷିକୀ ପାଳନ କରିବାର ଆବଶ୍ୟକତା ଥିଲା । ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରି ଜେଏନୟୁର ଅବସରପ୍ରାପ୍ତ ପ୍ରଫେସର ଅଜିତ କୁମାର ମହାନ୍ତି କହିଥିଲେ ଯେ, ପରିଣତ ବୟସରେ ଉପନ୍ୟାସ ରଚନା ଆରମ୍ଭ କରିଥିବା ରାଧାନାଥ ରଥଙ୍କ ଚରିତ୍ରଗୁଡ଼ିକରେ ମନସ୍ତତ୍ତ୍ୱର ପ୍ରତିଫଳନ ସ୍ପଷ୍ଟ । ସାହିତ୍ୟ ଅକାଦେମୀ ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ପ୍ରାରମ୍ଭିକ ସୂଚନା ଦେଇଥିଲେ ଓଡ଼ିଶା ଲୋକସେବା ଆୟୋଗର ସଦସ୍ୟା ପ୍ରଫେସର ସଙ୍ଗୀତା ରଥ । ଉଦଘାଟନୀ ଅଧିବେଶନରେ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କ୍ଷେତ୍ରବାସୀ ନାଏକ । ଅନ୍ୟ ଦୁଇଟି ଅଧିବେଶନରେ ଶାନ୍ତନୁ କୁମାର ରଥ ଏବଂ ଡ. ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ବିଦ୍ୟୁତପ୍ରଭା ସାହୁ, ଶିଶିର ବେହେରା, ସାୟନ୍ତନୀ ବେହୁରା, ଡ. ପ୍ରଦୀପ୍ତ କୁମାର ପଣ୍ଡା ଏବଂ ସଂଘମିତ୍ରା ଭଞ୍ଜ । ସନ୍ଧ୍ୟାରେ ଆୟୋଜିତ କବିସନ୍ଧି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱରଚିତ କବିତା ପାଠ କରିବା ସହିତ ନିଜର ସୃଜନ ଯାତ୍ରା ସମ୍ପର୍କରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଅକାଦେମୀ ସଭାପତି ହୃଷୀକେଶ ମଲ୍ଲିକ । ଧନ୍ୟବାଦ ଅର୍ପଣ କରିଥିଲେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟା ପ୍ରଫେସର ବିଷ୍ଣୁପ୍ରିୟା ଓତା ।

# ସୌନ୍ଦର୍ଯ୍ୟ ନୁହେଁ, ଭାଷାର ପୁନଃ ନିର୍ମାଣ କବିତାର ବଡ଼ କଥା

## ରାଧାନାଥ ରଥ ଜନ୍ମ ଶତବାର୍ଷିକୀ ଓ କବିସନ୍ଧି କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

କେବଳ ସୌନ୍ଦର୍ଯ୍ୟ ରକ୍ଷା ନୁହେଁ, ଭାଷାର ପୁନଃ ନିର୍ମାଣ ହେଉଛି କବିତାର ସବୁଠୁ ବଡ଼ କଥା। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଶନିବାର ରାଜ୍ୟ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଆୟୋଜିତ 'ରାଧାନାଥ ରଥ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର' ଓ 'କବିସନ୍ଧି' କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ଏହା କହିଛନ୍ତି। ସେ କହିଲେ, ପ୍ରେରଣାବାଦ ହେଉଛି କବିର ଦାୟିତ୍ୱହୀନତା। ଏଥିରେ ସେ ପୂର୍ଣ୍ଣ ବିଶ୍ୱାସୀ ନୁହନ୍ତି। ପ୍ରେରଣା କବିତାର ଉତ୍ସ ହେଲେ କବିକୁ ତା'ର ଅନୁଭବ ଦେଇ କବିତାର ରୂପ ଦେବାକୁ ପଡ଼ିଥାଏ। ଏହି ଅବସରରେ ଏକାଡେମୀ ପକ୍ଷରୁ ଡ. ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ କବି ଜୀବନର ଅନୁଭୂତି ବର୍ଣ୍ଣନା କରିବା ସହ ସଦ୍ୟ ରଚିତ କବିତା ପାଠ କରିଥିଲେ। ଏଥିସହ ସାରସ୍ୱତ ଯାତ୍ରାରେ ସମ୍ମୁଖୀନ ହୋଇଥିବା ବାଧା ବିଘ୍ନ ଓ ସଂଘର୍ଷର କଥା କହିବା ସହ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଏଥିସହ ପ୍ରସିଦ୍ଧ କାବ୍ୟଗ୍ରନ୍ଥ 'ବସୁକ୍ଷେଣ'ର ହିନ୍ଦୀ ଅନୁବାଦ ଲୋକାର୍ପିତ ହୋଇଥିଲା। ଅନୁବାଦକ ବିଶ୍ୱ ଭାରତୀର ହିନ୍ଦୀ ପ୍ରଫେସର ରବୀନ୍ଦ୍ରନାଥ ମିଶ୍ର ପୁସ୍ତକ ସମ୍ପର୍କରେ କହିଥିଲେ। ପ୍ରାରମ୍ଭରେ ରାଧାନାଥ ରଥ ଜନ୍ମ ବାର୍ଷିକୀ ଆଲୋଚନାଚକ୍ର ଦୁଇଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା। ଏହାକୁ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରି କହିଲେ, ଓଡ଼ିଆ ଜାତି ପ୍ରଫେସର ରାଧାନାଥ ରଥଙ୍କୁ କୃତଜ୍ଞତା ଜଣାଇବା ପାଇଁ ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ କରିବାର ଆବଶ୍ୟକତା ଥିଲା। ସେ ଥିଲେ ଜଣେ ସଫଳ କାହାଣୀର ନାୟକ। ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ସେ କହିଥିଲେ। ଓଡ଼ିଆ ଭାଷା ପରାମର୍ଶ ବୋର୍ଡର ଆବାହକ ଡ. ବିଜୟାନନ୍ଦ ସିଂହ ସଭାପତିତ୍ୱ କରିଥିବାବେଳେ ଏକାଡେମୀର ପୂର୍ବାଞ୍ଚଳ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ଭାଷଣ ଓ ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟା ପ୍ରଫେସର ସଙ୍ଗୀତା ରଥ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଜେଏନ୍‌ୟୁର ଅବସରପ୍ରାପ୍ତ ପ୍ରଫେସର ଅଜିତ କୁମାର ମହାନ୍ତି ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶାନ୍ତନୁ କୁମାର ରଥ ଓ ଡ. ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ବିଦ୍ୟୁତ୍‌ପ୍ରଭା ସାହୁ, ଶିଶିର ବେହେରା, ସାୟନ୍ତନୀ ବେହୁରା ଓ ସଂଘମିତ୍ରା ଭଞ୍ଜ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ବୋର୍ଡ ସଦସ୍ୟ କ୍ଷେତ୍ରବାସୀ ନାଏକ, ପ୍ରଫେସର ବିଷ୍ଣୁପ୍ରିୟା ଓତା ଓ ଡ. ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଦେଶର ବିଭିନ୍ନ ଆଞ୍ଚଳିକ ଭାଷାର କବିମାନେ ଏଥିରେ ଯୋଗଦେଇଥିଲେ।